ଶନିବାର, ୫ ଏପ୍ରିଲ, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ଦିନେ ପୁଅ ମାଟି ଖୋଳୁଥିଲା । ଏହାଦେଖି ବାପା କହିଲେ– ଆରେ, ତୁ କାହିଁକି ମାଟି ଖୋଳୁଛୁ ?
ପୁଅ: ତୁମେ ପରା ମା'କୁ କହୁଥିଲ ଯେ ମୁଁ ତୁମ ସମ୍ମାନକୁ ମାଟିରେ ପୋତିଦେଇଛି, ସେଥିପାଇଁ ସମ୍ମାନ ମାଟି ଭିତରେ କେଉଁଠି ଅଛି ତାକୁ ଖୋଜୁଥିଲି ।

ପିଲାର ଦେହ ଖରାପ ହୋଇଥିବାରୁ ତା' ମା' ମେଡିସିନ୍ ଖୁଆଇବା ପୂର୍ବରୁ ଛୁଆକୁ ହଲାଇ ମେଡିସିନ୍ ଦେଉଥିଲା । ଏହାଦେଖି ପିଲାଟିର ବାପା ପଚାରିଲେ– ଏ କ'ଣ କରୁଛ ?
ସ୍ତ୍ରୀ: ଏଥିରେ ଲେଖାଅଛି ମେଡିସିନ୍ ଖୁଆଇବା ପୂର୍ବରୁ ଭଲ କି ହଲାଇ ମେଡିସିନ୍ ଦେବ । ସେଥିପାଇଁ ଛୁଆକୁ ଟିକେ ହଲେଇଦେଲି ।

ଦିନେ ରାସ୍ତାରେ ବିଲେଇ ସହିତ ଟ୍ରକ୍‌ର ଆକ୍ସିଡେଣ୍ଟ ହେବାରୁ ବିଲେଇଟି ବେହୋସ ହୋଇ ରାସ୍ତାରେ ପଡ଼ିଥିଲା । ରାସ୍ତାରେ ଯାଉଥିବା ପିଲାଟି ବିଲେଇକୁ ଦେଖି ତାକୁ ଆଣି ପିଞ୍ଜରାରେ ରଖିଦେଲା । କିଛି ସମୟ ପରେ ଯେତେବେଳେ ବିଲେଇର ହୋସ ଆସିଲା, ସେ କହିଲା– ଓଃ ମାଇଁ ଗଡ–ଟ୍ରକ୍‌ବାଲା ମରିଗଲା ନା କ'ଣ ମୋତେ ଏଥିପାଇଁ ଜେଲ୍ ଯିବାକୁ ପଡିଲା !

# କୁଆର କଳା ରଙ୍ଗ ପସନ୍ଦ



## ଗପ

କୁଆଟି ଗଛ ଡାଳରେ ଚୁପଚାପ୍ ବସିଥିଲା । କିନ୍ତୁ କଳା ରଙ୍ଗ ପାଇଁ ତା' ମନ ଭାରି ଦୁଃଖ ଥାଏ । ଏତିକିବେଳେ ପାଖ ଗଛ ଡାଳରେ ଘରଚଟିଆଟିଏ ଆସି ବସିଲା । ଘର ଚଟିଆଟିର ଡେଣା ଗୋଲାପି ଥିଲା । କୁଆ ପଚାରିଲା, ତୁମ ଡେଣା ଏମିତି ରଙ୍ଗ କିପରି ହେଲା ?
ସେ ଦୁଃଖୀ ସ୍ୱରରେ କହିଲା– କଥା କ'ଣ କି... ତୁମେ ତ ଜାଣ ମୁଁ ମଣିଷମାନଙ୍କ ସହିତ ରହିବାକୁ ଭଲ ପାଏ । ଦିନେ ମୁଁ ଗୋଟିଏ ଘରର କାନ୍ଥ ଉପରେ ବସିଥିଲି । ଅଗଣାରେ କିଛି ଖାଦ୍ୟ ଶସ୍ୟ ପଡ଼ିଥିବାର ଦେଖାଗଲା ।
ପ୍ରବଳ ଭୋକ ଲାଗୁଥିଲା । ମୁଁ ଆଉ ସମ୍ଭାଳି ପାରିଲି ନାହିଁ, ଖାଦ୍ୟ ଉପରେ ଯାଇ ବସି ପଡିଲି । କିଛି ଦୁଷ୍ଟ ପିଲା ଏକ ଜାଲକୁ ବାଡ଼ିରେ ବାନ୍ଧି ଦଉଡ଼ିକୁ ଲୁଚାଇ ରଖିଥିଲେ । ମୁଁ ଖାଦ୍ୟ ଲୋଭରେ ଯେତେବେଳେ ଭିତରେ ପହଞ୍ଚିଗଲି, ସେମାନେ ଦଉଡ଼ିକୁ ଟାଣିଦେଲେ ଏବଂ ମୁଁ ଜାଲ ଭିତରେ ବନ୍ଦୀ ହୋଇଗଲି । ଏହାପରେ ସେମାନେ ମୋତେ ଧରି ଦୀର୍ଘ ସମୟ ଖେଳିଲେ । ଯେତେବେଳେ ସେମାନଙ୍କର ମନ ସନ୍ତୁଷ୍ଟ ହେଲା, ସେମାନେ ମୋ ଡେଣାରେ ରଙ୍ଗ ଲଗାଇ ଛାଡିଦେଲେ । ମୁଁ ଯେଉଁଠି ଉଡୁଥିଲେ ବି ସେମାନେ ମୋତେ ଚିହ୍ନିବେ । ଏତିକି କହି ଘର ଚଟିଆଟି ଉଡିଗଲା । ତା'ପରେ ସେଠାରେ ଦୁଇଟି ପାରା ଆସି ବସିଲେ । ସେମାନଙ୍କ ମଧ୍ୟରେ ଜଣକର କପାଳରେ ନୀଳ ରଙ୍ଗ ଥିବା ବେଳେ ଅନ୍ୟ ଜଣଙ୍କର ଲାଲ ଦାଗ ଥିଲା । କୁଆଟି କୌତୂହଳରେ ପଚାରିଲା, ତୁମକୁ ଦୁଷ୍ଟ ପିଲାମାନେ ଧରି ନେଇଥିଲେ କି ?
ନା... ତ... ଦୁଇଜଣ ଯାକ ପାରା ଏକା ସ୍ୱରରେ କହିଲେ । ଆମ ମାଲିକ ଆମକୁ ଚିହ୍ନିବା ପାଇଁ ଏହି ରଙ୍ଗ ଲଗାଇଛନ୍ତି ।
ଲାଲ ରଙ୍ଗ ଲାଗିଥିବା ପାରାଟି ଦୁଃଖର ସହିତ କହିଲା, ଆମେ ଦୁହେଁ ଘନିଷ୍ଠ ବନ୍ଧୁ, କିନ୍ତୁ ବଡ କଷ୍ଟରେ କେବେ କେବେ ଦେଖାହେଉ । ଆମ ଦୁହିଁଙ୍କର ମାଲିକ ଅଲଗା । ସେମାନେ ଆମ ଦୁହିଁଙ୍କୁ ମିଶିବାକୁ ସୁଯୋଗ ଦିଅନ୍ତି ନାହିଁ । ନୀଳ ରଙ୍ଗର ପାରାଟି ଦୀର୍ଘ ନିଃଶ୍ୱାସ ମାରି କହିଲା, ଚାଲ.. ଏବେ ଆମେ ଆମ ପଞ୍ଜୁରୀକୁ ଫେରିବାର ସମୟ ହୋଇଗଲା । ନଚେତ୍ ଆମ ମାଲିକ ଆମକୁ ଖୋଜିବେ । ଏହା କହି ପାରା ଦୁହେଁ ଉଡ଼ିଗଲେ । ପରେ ଏକ ବଗ ଆସି ବସିଲା । ତା'ର ଡେଣାରେ କାଦୁଅ ଲାଗିଥିଲା ।
କୁଆ ପଚାରିଲା, ବଗ ଭାଇ ! ତୁମ ଡେଣାରେ କାଦୁଅ କେମିତି ଲାଗିଲା ? ବଗ ଉଦାସ ଭରା କଣ୍ଠରେ କହିଲା, ମୁଁ ସାରା ଦିନ କାଦୁଅ ପଙ୍କରେ ରହୁଛି । ତେଣୁ ମୋର ଡେଣା ଅପରିଷ୍କାର । ପାଣିରେ ଧୋଇଲେ ପରିଷ୍କାର ହୋଇଯାଏ କିନ୍ତୁ କାଦୁଅକୁ ଗଲେ ପୁଣି ଲାଗିଯାଏ । ସେଥିପାଇଁ ମୁଁ ସଫା କରିବା ଉପରେ ଧ୍ୟାନ ଦିଏ ନାହିଁ । ଏକଥା କହି ବଗ ସେଠାରୁ ଚାଲିଗଲା । ଅଳ୍ପ ସମୟ ମଧ୍ୟରେ ସାତଭାଉଣୀ ପକ୍ଷୀ ସେଠାକୁ ଆସିଲେ । କୁଆଟି ସାବଧାନତାର ସହିତ ସେମାନଙ୍କୁ ଦେଖିଲା, ଜଣେ ସମ୍ପୂର୍ଣ୍ଣ ହଳଦିଆ । କୁଆ ଭାବିଲା ବୋଧହୁଏ ସେ ସମସ୍ତଙ୍କ ନେତା । କୁଆ ପଚାରିବାରୁ ସେ କହିଲା, 'ଥରେ ଆମେ ଜଣକ ଘର ଅଗଣାକୁ ଯାଇ ଖାଦ୍ୟ ଖାଉଥିଲୁ । ସେଠାରେ ହଳଦୀ ଗୁଣ୍ଡ ମଧ୍ୟ ରଖାଯାଇଥିଲା । ହଠାତ୍ ଏକ ବିଲେଇ ଆମ ଉପରକୁ ଲମ୍ଫ ମାରିଥିଲା । ବିଲେଇର ଆକ୍ରମଣ ଦେଖି ସମସ୍ତେ ଚାଲିଗଲେ, କିନ୍ତୁ ମୁଁ ଡରବରିଆ ଭାବେ ହଳଦୀ ଗୁଣ୍ଡରେ ପଡ଼ିଯାଇଥିଲି । ସେଦିନଠାରୁ ଆଜି ପର୍ଯ୍ୟନ୍ତ ସେହି ରଙ୍ଗ ମୋ ଡେଣାରୁ ଛାଡୁନାହିଁ ।'
ସେମାନେ କୁଆର ଡେଣାକୁ ଦେଖି କହିଲେ, ତୁମ ଡେଣାର ରଙ୍ଗ ସବୁଠାରୁ ଭଲ । କଳାରେ ଅନ୍ୟ କୌଣସି ରଙ୍ଗ ମିଶି ପାରିବ ନାହିଁ । ସେତିକିବେଳେ କାଉ ମଧ୍ୟ ଅନୁଭବ କଲା କି ପ୍ରକୃତରେ ତା' କଳା ରଙ୍ଗ ବହୁତ ଭଲ । କାଉଟି ଖୁସିରେ କହିଲା, ମୋତେ ମୋର କଳା ରଙ୍ଗ ଭାରି ଭଲ ଲାଗେ । ତେଣୁ ଆମେ ଜାଣିବା ଦରକାର କି ପ୍ରକୃତି ଆମକୁ ଯେମିତି ତିଆରି କରିଛି ତାହା ଆମ ପାଇଁ ବହୁତ ଭଲ ।

– ଲଳିତ ମୋହନ ମିଶ୍ର , ନୟାଗଡ଼
ମୋ: ୯୪୩୭୯୮୫୮୬୬

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ଯେତେବେଳେ ସାବୁନ ନ ଥିଲା..

ଯେତେବେଳେ ସାବୁନ କିମ୍ବା ଡିଟରଜେଣ୍ଟ ବାହାରି ନ ଥିଲା ସେତେବେଳେ ଲୁଗାପଟା କିପରି ସଫା ହେଉଥିଲା ! ଏହି ପ୍ରଶ୍ନ ହୁଏତ ସମସ୍ତଙ୍କ ମନକୁ ଆସିପାରେ । ହେଲେ ପୁରାତନ କାଳରେ ପ୍ରାକୃତିକ ଉପାୟରେ ଲୁଗାପଟାକୁ ସଫା କରି ଯତ୍ନରେ ରଖା ଯାଉଥିଲା । ଏମିତିକି ରାଜାରାଣୀଙ୍କର ବହୁ ଦାମୀ ପୋଷାକ ମଧ୍ୟ ବେଶ୍ ସୁନ୍ଦରଭାବେ ସଫା କରାଯାଉଥିଲା । ୧୮୮୮ ମସିହାରେ ଭାରତରେ ପ୍ରଥମେ ମେସିନ୍ ମାଧ୍ୟମରେ ସାବୁନ ତିଆରି ଆରମ୍ଭ ହୋଇଥିଲା । ଏହା ପୂର୍ବରୁ ଲୋକେ ଘରୋଇଭାବେ ବିଭିନ୍ନ ପ୍ରକାର ପ୍ରାକୃତିକ ପଦାର୍ଥରେ ସାବୁନ ତିଆରି କରି ବ୍ୟବହାର କରୁଥିଲେ । ୧୯୭୦ରେ ହିନ୍ଦୁସ୍ତାନ ଲିଭର ପକ୍ଷରୁ ପ୍ରଥମେ ଡିଟରଜେଣ୍ଟ ବାହାର କରି ବଜାରରେ ବିକ୍ରି ଆରମ୍ଭ କରିଥିଲା । ଏହାପରେ ଧୀରେ ଧୀରେ ଆଧୁନିକ ଡିଟରଜେଣ୍ଟ ଓ ସାବୁନ ତିଆରି ଆରମ୍ଭ ହୋଇଥିଲା । ତେବେ ଭାରତରେ ଆଧୁନିକ ରୂପରେ ସାବୁନର ବ୍ୟବହାର ହୋଇଥିଲା ୧୩୦ ବର୍ଷ ପୂର୍ବେ ବ୍ରିଟିଶ ଶାସନ ସମୟରେ । ଲିବର ବ୍ରଦର୍ସ ଇଂଲଣ୍ଡ ଭାରତରେ ସାବୁନ ତିଆରି କରି ବିକ୍ରି ଆରମ୍ଭ କରିଥିଲା । ୧୮୯୭ରେ ମୀରଠରେ ଦେଶର ପ୍ରଥମ ସାବୁନ ତିଆରି କାରଖାନା ହେଲା । ଏହାପରେ ଭାରତୀୟ କମ୍ପାନୀ ଗୋଦରେଜ୍ ଓ ଟାଟା ମଧ୍ୟ ଏହି କ୍ଷେତ୍ରରେ ଉତ୍ପାଦନ ଆରମ୍ଭ କରିଥିଲେ ।
ତେବେ ସାବୁନ ବ୍ୟବହାର ପୂର୍ବରୁ ଲୁଗା ସଫା କରିବା ପାଇଁ ମୁଖ୍ୟ ରୂପରେ ରିଠାକୁ ବ୍ୟବହାର କରାଯାଉଥିଲା । ଏଥିପାଇଁ ରାଜଉଦ୍ୟାନ ତଥା ଅନ୍ୟାନ୍ୟ ସ୍ଥାନରେ ରିଠା ଗଛ ଲଗା ଯାଉଥିଲା । ରିଠାକୁ ପାଣିରେ ଶିଝାଇ ସେହି ପାଣିରେ ରେଶମ, ପଶମ ଆଦି ବହୁ ଦାମୀ ବସ୍ତ୍ର ମଧ୍ୟ ଧୁଆ ଯାଉଥିଲା । ଏଥିରେ ଲୁଗା ସଫା ହେବା ସହିତ କୀଟାଣୁମୁକ୍ତ ହୋଇ ପାରୁଥିଲା । ରିଠାରେ କେଶକୁ ମଧ୍ୟ ସଫା କରାଯାଉଥିଲା । ଏହା ବ୍ୟତୀତ ନଦୀ କୂଳମାନଙ୍କରେ ମିଳୁଥିବା ଏକପ୍ରକାର ଧଳା ଗୁଣ୍ଡକୁ ମଧ୍ୟ ସଫା କରିବା ନିମନ୍ତେ ବ୍ୟବହାର କରାଯାଉଥିଲା । ସେହିପରି ମାଟି ଓ ବାଲି ଲଗାଇ ଭାରତୀୟମାନେ ଶରୀରକୁ ସଫା କରୁଥିଲେ ।



## ମତାମତ

▶▶ ଏଥର ତୁମ ତୂଳୀରେ ପ୍ରକାଶିତ ହୋଇଥିବା ସମସ୍ତ ଚିତ୍ର ସୁନ୍ଦର ହୋଇଥିଲା ।
– ଅନନ୍ୟା ମହାପାତ୍ର, ରାଉରକେଲା

▶▶ ଆଇନା ପୃଷ୍ଠାରେ ପ୍ରକାଶିତ କୁନି ମଡେଲଙ୍କ ଫଟୋ ଭଲ ଦେଖାଯାଉଥିଲା ।
– ରିତେଶ ସ୍ୱାଇଁ, ଜଳେଶ୍ୱର, ବାଲେଶ୍ୱର


▶▶ ଜଣା ଅଜଣା ପୃଷ୍ଠାରେ ଜୀବଜନ୍ତୁମାନେ କିପରି ନିଜର ଆତ୍ମରକ୍ଷା କରନ୍ତି, ସେ ସମ୍ପର୍କରେ ଜାଣିବା ସହିତ ବୃହତ୍ତମ ଗୁମ୍ଫା ଏବଂ ବିଶାଳ ପନିପରିବା ସମ୍ପର୍କରେ ମଧ୍ୟ ଜାଣିବାକୁ ପାଇଲି ।
– ତୁଷାର ସାହୁ, ବିରିବାଟି, କଟକ

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ ।

ଆମ ଠିକଣା
dharitrifeature@gmail.com

## ରଙ୍ଗ ଦିଅ







ଖରା ପାଇଁ ଏବେ ଆରମ୍ଭ ହୋଇଛି ସକାଳୁଆ ସ୍କୁଲ । ଶୀଘ୍ର ସ୍କୁଲକୁ ଯାଇ ଅଳ୍ପ କେଇଘଣ୍ଟା ପରେ ଫେରି ଆସୁଛନ୍ତି ପିଲାମାନେ । ବାକି ଢେର୍ ସମୟ ରହୁଛନ୍ତି ଘରେ । ଖରାଦିନେ ଏହି ସମୟକୁ ସେମାନେ କିପରି ବିତାଉଛନ୍ତି ସେ ସମ୍ପର୍କରେ...



# ସକାଳୁଆ ସ୍କୁଲ

ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ଦେଖି ସରକାର ଏବେ ପିଲାଙ୍କ ପାଇଁ ସକାଳୁଆ ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ଖରା ଅଧିକ ହେବା ପୂର୍ବରୁ ପିଲାମାନେ ଘରକୁ ଫେରି ଆସିପାରୁଛନ୍ତି । ପିଲାଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି । ଫଳରେ ପିଲାଙ୍କ ପାଖରେ ଏବେ ସ୍କୁଲ ପରେ ଢେର୍ ସମୟ ମିଳୁଛି । ସମର ଭ୍ୟାକେଶନ୍ ଆରମ୍ଭ ହୋଇ ନ ଥିଲେ ବି ଏକପ୍ରକାର ଛୁଟିର ମଜା ଉଠାଉଛନ୍ତି ପିଲାମାନେ । ତେଣୁ ନିଜ ପସନ୍ଦର କାମ କରିବା ପାଇଁ ଏବେଠୁ ମଉକା ମିଳିଗଲାଣି । ପିଲାମାନେ ଏବେ ପାଠପଢା ଓ ଖେଳକୁଦ ପାଇଁ କିଭଳି ସମୟ ବାହାର କରୁଛନ୍ତି ସେନେଇ କେତେକ ପିଲା ଯାହା କୁହନ୍ତି...

## ଏମାନେ କ'ଣ କରନ୍ତି

### ଘରେ ସମୟ କଟୁଛି



ଏବେ ସକାଳୁଆ ସ୍କୁଲ ମାତ୍ର କେଇ ଘଣ୍ଟା ପାଇଁ ହେଉଛି । ସ୍କୁଲରେ ସାର୍ ଆମକୁ ହୋମୱର୍କ ପ୍ରାୟ ଦେଉ ନାହାନ୍ତି । ତେଣୁ ଘରେ ବହୁତ ସମୟ ରହୁଛି । ନୂଆ ବହିପତ୍ର କିଛି ଆସିନି ବୋଲି ବେଶି ପାଠପଢା ହେଉନି । ତେଣୁ ଘରେ ଏବେ ଫ୍ରି ଟାଇମ୍ ମିଳୁଛି । ଘରେ ଖିଆପିଆ କରି ବେଶ୍ ମଜାରେ ସମୟ କଟୁଛି । ଦିନବେଳା କିଛିସମୟ ଟିଭି ଦେଖୁଛି । ଆଉ ତା'ପରେ ସାଢେ ୪ଟାବେଳକୁ ତଳେ ଥିବା ପଡିଆକୁ ଯାଇ ସବୁ ପିଲାଙ୍କ ସହିତ ଖେଳୁଛି । କିନ୍ତୁ ମାମା କହିଛି ଆଉ ଅଳ୍ପ ଦିନ ପରେ ସମର କୋର୍ସ ଜଏନ କରିବି । ସେଠି ମ୍ୟାଥ୍‌ର କିଛି ନୂଆ କୋର୍ସ କରିବି । ଆଉ ଖରାଛୁଟି ହେଲେ ମୋ ମାମୁଙ୍କ ପୁଅ ଆମ ଘରକୁ ଆସିବ, ତା' ସହିତ ଛୁଟି କଟେଇବି ।

**-ରୋଜାଲିନ୍ ସାହୁ,** କ୍ଲାସ୍- ୫, କମଳିନୀ ସରସ୍ୱତୀ ଶିଶୁ ମନ୍ଦିର, ଓଲ୍ଡ ଟାଇନ୍, ଭୁବନେଶ୍ୱର

### ଗୀତ ପ୍ରାକ୍ଟିସ୍ କରୁଛି



ଏବେ ସ୍କୁଲ ଟାଇମ୍ କମ୍ ଥିବାରୁ ଘରେ ବହୁତ ସମୟ ମିଳୁଛି । ସେଥିପାଇଁ ଗୀତ ପ୍ରାକ୍ଟିସ୍ କରିବା ପାଇଁ ଅଧିକ ସମୟ ପାଉଛି । ଖରାବେଳେ ଆଉ ରାତିରେ ଅଧିକ ସମୟ ଗୀତ ଅଭ୍ୟାସ କରୁଛି । ଏହା ବ୍ୟତୀତ ଅନ୍ ଲାଇନ୍ କ୍ଲାସ ବି କରୁଛି । ଆଉ ଅଭ୍ୟାସ ପାଇଁ ମାମା ଯାହା କରିବାକୁ କହୁଛି ସେଇ ପାଠ କରୁଛି । କିନ୍ତୁ ଖରାବେଳେ ଘରେ ଏତେ ସମୟ ରହି ବୋର୍ ଲାଗୁଛି । ସେଥିପାଇଁ ସାଙ୍ଗମାନଙ୍କ ସହିତ ବେଳେବେଳେ ଫୋନରେ କଥାବାର୍ତ୍ତା ହେଉଛି । ଅଳ୍ପ ସମୟ ପାଇଁ ଟିଭି ବି ଦେଖୁଛି । ମାମାକୁ ଘରକାମରେ ଟିକେ ଟିକେ ସାହାଯ୍ୟ କରୁଛି ।

**-ଆନନ୍ଦିତା ବେହେରା,** କ୍ଲାସ୍- ୮, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ରସୁଲଗଡ, ଭୁବନେଶ୍ୱର

### ସନ୍ଧ୍ୟାରେ ପାଠ ପଢୁଛି



ସ୍କୁଲରୁ ଫେରିବା ମାତ୍ରେ ଫ୍ରେଶ ହୋଇ ଆଗ କିଛି ସମୟ ସାନ ଭାଇ ସାଙ୍ଗେ ଖେଳୁଛି । ତା'ପରେ ମାମା ଯାହା ଦିଏ ଅଳ୍ପ ଖାଇସାରି ଟିକେ ଖେଳିବାକୁ ଯାଏ । ଆମ ସାଇଡ୍ ଘରେ ମୋର ଗୋଟେ ସାଙ୍ଗ ରହୁଛି, ତା' ସହିତ କିଛି ସମୟ କ୍ୟାରମ୍ ଖେଳି ଖାଇବାକୁ ଆସେ । ଖାଇସାରି ଘରେ ଶୋଇପଡୁଛି । ଉଠିବା ପରେ ବାହାରେ ସାଙ୍ଗମାନଙ୍କ ସହିତ ପଡିଆରେ ଖେଳୁଛି । ସନ୍ଧ୍ୟାବେଳେ କିନ୍ତୁ ୨ ଘଣ୍ଟା ପାଠ ପଢୁଛି । ମାମା ପାଖରେ ବସି ପାଠ ପଢାଉଛି । ପରୀକ୍ଷା ସରିଯାଇଛି ବୋଲି ଏବେ ଟିୟୁଶନ୍ ହେଉନି, ସେଥିପାଇଁ ମାମା ଯାହା ପଢିବାକୁ କହୁଛି ସେଇ ପାଠ କରୁଛି ।

**-ପ୍ରିୟବ୍ରତ ମହାରଥା,** କ୍ଲାସ୍-୭, ଭୁବନେଶ୍ୱର ମଡେଲ ପବ୍ଲିକ ସ୍କୁଲ, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର

### ଚିତ୍ର ଆଙ୍କୁଛି



ମତେ ଡ୍ରଇଁ କରିବାକୁ ବହୁତ ଭଲ ଲାଗେ । ସେଥିପାଇଁ ଏବେ ଖରାବେଳେ ସ୍କୁଲରୁ ଫେରି ଚିତ୍ର ଆଙ୍କି ସେଥିରେ ରଙ୍ଗ ଦଉଛି । ନୂଆ ନୂଆ ଚିତ୍ର କରିବା ଷ୍ଟାଇଲ୍ ଶିଖୁଛି । ୟୁଟ୍ୟୁବ୍‌ରେ ସବୁ ଚିତ୍ର ଶିଖିବା ପାଇଁ ବହୁତ ବଢିଆ ସହଜ ଟ୍ରିକ୍ ରହିଛି । ସେସବୁକୁ ଦେଖି ଘରେ କରୁଛି । ଏହା ବ୍ୟତୀତ ସ୍କୁଲରେ ଯାହା ଅଳ୍ପ ପାଠ ଦିଆଯାଉଛି ତାକୁ ବି କରୁଛି । କିନ୍ତୁ ୪ଟା ବାଜିବା ମାତ୍ରେ ଆମ ଘର ପାଖରେ ଯେତେଜଣ ପିଲା ଅଛନ୍ତି ସମସ୍ତଙ୍କୁ ଡାକି ଖେଳିବାକୁ ଯାଉଛି । ସେଇଠି ବିଭିନ୍ନ ପ୍ରକାରର ଖେଳ ଖେଳିବା ସହିତ ସମସ୍ତଙ୍କ ସହ କଥାବାର୍ତ୍ତା ହେଇ ସମୟ କଟିଯାଉଛି । ତା'ପରେ ଘରକୁ ଫେରି ସନ୍ଧ୍ୟାବେଳେ ଅଳ୍ପ ସମୟ ପାଠ ପଢି ଟିଭି ଦେଖୁଛି । ବାସ୍ ସମୟ ସରିଯାଉଛି ।

**-ଦେବାଂଶୀ ରାଜଗୁରୁ,** କ୍ଲାସ- ୭, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ

### ଅନଲାଇନ୍ କୋର୍ସ କରୁଛି



ସକାଳୁ ଉଠିବାର ଅଭ୍ୟାସ ଅଛି, ତେଣୁ ସେମିତି କଛି କଷ୍ଟ ଲାଗୁନି । ତାଛଡା ଟିକେ ଡେରୀ ହେଲେ ମାମା ବି ଡାକିଦିଏ । ନିତ୍ୟକର୍ମ ସାରି ସକାଳୁ ସକାଳୁ ସ୍କୁଲ ଯିବା ପାଇଁ ବହୁତ ମଜା ଲାଗୁଛି । ସ୍କୁଲରୁ ଫେରିବା ପରେ ମତେ ପାଠ ପଢିବାକୁ ପଡୁଛି । କାରଣ ବଡ କ୍ଲାସ ହେଲାଣି ବୋଲି ଅଧିକ ଅଭ୍ୟାସ କରୁଛି । ୟିଟୁସନ୍ ବି ରେଗୁଲାର ହେଉଛି । ଅବଶ୍ୟ ଖରାବେଳେ ଘରେ ରହିବା ପାଇଁ ବହୁତ ସମୟ ମିଳୁଛି । ଲାଗୁଛି ଯେମିତି ଏବେଠୁ ସମର ଭ୍ୟାକେଶନ୍ ଆରମ୍ଭ ହୋଇଯାଇଛି । ଆସନ୍ତା ବର୍ଷ ମୋର ଦଶମ ପରୀକ୍ଷା ଅ ଛି କହି ଘରେ ସମସ୍ତେ ସତର୍କ କରାଇଛନ୍ତି । ତେଣୁ ମତେ ଅଧିକ ସମୟ ପଢିବାକୁ ପଡୁଛି । ଅନଲାଇନ୍ କୋର୍ସ ସହିତ ଟିୟୁସନ୍ ବି ହେଉଛି । ଅବଶ୍ୟ ଖରାବେଳେ କିଛି ସମୟ ଟିଭି ଦେଖିବା ସହିତ ଘରକାମରେ ମାମାକୁ ଟିକେ ସାହାଯ୍ୟ କରୁଛି ।

**-ଶ୍ରୁତି ମଲ୍ଲିକ,** କ୍ଲାସ- ୯ ଏଚବିଡି ଇଣ୍ଟର ନ୍ୟାଶନାଲ ସ୍କୁଲ, ଯାଜପୁର ରୋଡ






୧
ଘନିଶ କୁମାର ବେହେରା
କ୍ଲାସ-୧, ପବ୍ଲିକ ସ୍କୁଲ, ଛତ୍ରପୁର, ଗଞ୍ଜାମ



୨
ଶ୍ରେୟାଶ୍ରୀ ବିଶ୍ୱାସ
କ୍ଲାସ- ୬, ଜେଆରଏସ୍ ପବ୍ଲିକ ସ୍କୁଲ, ପଶ୍ଚିମବଙ୍ଗ



୩
ଜୟଦୀପ୍ ପତି
କ୍ଲାସ- ୨, ସେଣ୍ଟ ଯୋଶେଫ ହାଇସ୍କୁଲ, ଭୁବନେଶ୍ୱର



୪
ଅନିଶା ଛତ୍ରିଆ
କ୍ଲାସ- ୫, ଅର୍ଡାନ୍ସ ଫ୍ୟାକ୍ଟ୍ରି ସ୍କୁଲ, ବଡମାଲ, ବଲାଙ୍ଗୀର



୫
ଅଂଶିକା ପଣ୍ଡା
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୈଶିଙ୍ଗା, ମୟୂରଭଞ୍ଜ



୬
ପ୍ରତୀକ୍ଷା ରାୟ
କ୍ଲାସ- ୯, ଲକ୍ଷେଶ୍ୱର ଉଚ୍ଚ ବିଦ୍ୟାଳୟ, ନଖରା, କଟକ



୭
ଈପ୍ସିତା ପ୍ରିୟଦର୍ଶିନୀ
କ୍ଲାସ- ୧୦, ଡିଏଭି ପବ୍ଲିକ ସ୍କୁଲ, ନିମାପଡା




୮
ବେଦାର୍ଥ ଦାଶ
କ୍ଲାସ-୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର



୧



୨



୩



୪



୫




୬



୭



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




ଖାଇବାପିଇବାକୁ ନେଇ ବେଳେବେଳେ ଅଜବ ରେକର୍ଡସବୁ ଦେଖିବାକୁ ମିଳେ। ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କେହି ଅତ୍ୟଧିକ ଲଙ୍କା ଖାଆନ୍ତି ତ କେହି ଚାଓମିନ୍। ଏହି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ରେକର୍ଡ କରିଛନ୍ତି ଜର୍ମାନୀର ଆଣ୍ଡ୍ରେ ଓରଟୋଲୋଫ୍। ୧ ମିନିଟ୍ ମଧ୍ୟରେ

### ଏକାଥରେ ୬ ଜୁସ୍

ସେ ୬ଟି ପ୍ୟାକ୍ ଜୁସ୍ ପିଇଛନ୍ତି, ତା' ପୁଣି ଷ୍ଟ୍ର ମାଧ୍ୟମରେ। ଏତେ କମ୍ ସମୟ ମଧ୍ୟରେ ଷ୍ଟ୍ର ସାହାଯ୍ୟରେ ଏତେ ଅଧିକ ଜୁସ୍ ପିଇଥିବାରୁ ତାଙ୍କ ନାଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଅନେକ ପ୍ରକାର ଖାଦ୍ୟକୁ ନେଇ ଆଣ୍ଡ୍ରେ ପୂର୍ବରୁ ମଧ୍ୟ ବିଭିନ୍ନ ରେକର୍ଡ କରିଛନ୍ତି। ତେବେ ୬୦ ସେକେଣ୍ଡ ମଧ୍ୟରେ ତାଙ୍କ ପୂର୍ବରୁ ଏଭଳି ଢଙ୍ଗରେ ଏତେ ଜୁସ୍ ପିଇବାକୁ କେହି ସମର୍ଥ ହୋଇ ନ ଥିଲେ।



## କ ବି ତା

### ଫୁଲ ଫୁଟି ଫୁଟି ଯାଏ

ଝାଇଁକି ଝୁମ୍ପା
ମନ୍ଦିର ବେଢ଼ାରେ ଫୁଟିଚି ଚମ୍ପା
ଡାକେ କୁହୁ କୁହୁ କିଏ ?
କଳା କୋଇଲିଟି ମଧୁର ସ୍ୱରରେ
ଜଗତ ହସେଇ ଦିଏ।
ନୂଆ ଚାଉଳ
ବାସ ଚହଟାଏ ଆମ୍ବ ବଉଳ
ଡାକେ କୁହୁ କୁହୁ କିଏ ?
ମହୁମାଛି ବୁଲି ଫୁଲର କାନରେ
ଗୀତ ପଦେ ଗାଇ ଦିଏ ।
ଫୁଲେଇ ରାଣୀ
କାଚ କେନ୍ଦୁପରି ନଈର ପାଣି
ନଈ କୂଳେ କୂଳେ କିଏ ?
ଚୋରା ଚଇତାଳି ସବୁରି ପରାଣେ
ଛୁଇଁ ଛୁଇଁ ଦେଇ ଯାଏ ।
ରାଣୀ କାଇଁଚ
କଅଁଳ ପଟରେ ଭାରିଲା ଗଛ
ଆସେ ଥିରି ଥିରି କିଏ
ଦୋଳ ବିମାନରେ ଫଗୁଣ ଆସିଛି
ଫୁଲ ଫୁଟି ଫୁଟି ଯାଏ।

**– ପର୍ଶୁରାମ ବେହେରା**
ଲୋକାପଡା, ଆଳି, କେନ୍ଦ୍ରାପଡ଼ା
ମୋ: ୮୦୧୮୯୯୯୫୮୫

### ଜଙ୍ଗଲ ନିଆଁ

ଜଙ୍ଗଲରେ ନିଆଁ ଲଗାଉଛ କିଆଁ
ଏଡ଼େ ଅବିବେକୀ ହୋଇ,
ପରିବେଶ ନଷ୍ଟ ଜୀବଜନ୍ତୁ କଷ୍ଟ
ବୁଝିପାରୁନାହଁ କାହିଁ ?
ଜଙ୍ଗଲ ପୋଡ଼ିଲେ ପୋଡ଼ି ଯାଏ ମଞ୍ଜି
ପୋଡ଼ି ଯାଏ ସବୁ ଚାରା,
କେତେ ପଶୁ ପକ୍ଷୀ ପୋଡ଼ି ହେବେ ପୁଣି
କେତେ ହେବେ ଦରମରା।
ଧୂଆଁ ବଳୟରେ ପରିବେଶ ଆମ
ହୋଇଯିବ ବିଷଭରା,
ବଢ଼ିଯିବ ତାତି କିବା ଦିନରାତି
ପାରିବାନି ସହି ଜ୍ୱାଳା।
ବେଘର ହୋଇବେ କେତେ ପଶୁ ପକ୍ଷୀ
ଆହାର ଖୋଜିବା ପାଇଁ,
ଗାଆଁରୁ ସହର ସହରରୁ ଗାଆଁ
ଧାଉଁଥିବେ ଭୟ ପାଇ।
ଜଙ୍ଗଲରେ ନିଆଁ ଲଗା ନାହିଁ ଜମା
ଜଙ୍ଗଲ ଆମର ସାଥୀ,
ଶୀତଳୀକରଣ ଯନ୍ତର ସେହି ଯେ
ଗରମରୁ ଦିଏ ମୁକ୍ତି।

**– ପ୍ରଶାନ୍ତ କୁମାର ସାହୁ**
ମୋ: ୯୭୭୭୦୯୦୦୫୬

### ଓହୋ କି ଖରା

ଗ୍ରୀଷ୍ମ ଆଇଲା ଧରାପୃଷ୍ଠକୁ
ଧରି ପ୍ରଚଣ୍ଡ ଖରା
ଖରା ତାପରେ ଝାଳ ବୋହିରେ
ଓଦା ଯେ ଦେହ ସାରା।
ବାଟୋଇ ଭାଇ ହାଲିଆ ହୋଇ
ଖୋଜେ ଶୀତଳ ଛାଇ
ଓହୋ କି ଖରା ମଲି ବିଚରା
ରକ୍ଷା କର ହେ ସାଇଁ।
ରାସ୍ତା କଡ଼ରେ ଗଛ ଥିଲାରେ
ମଣିଷ ହାଣି ଦେଲା
ଆପଣା ହସ୍ତେ ଜିହ୍ୱା ଛେଦିଣ
କଲବଲ ଯେ ହେଲା।
ଜଙ୍ଗଲ କାଟି ଗଢ଼ିଲା ସେଠି
କୋଠା ଓ କାରଖାନା
କଂକ୍ରିଟ ପଥ ଯୋଗୁ ଉତ୍ତପ୍ତ
ହୁଏ ଧରଣୀ ସିନା।
ଦିନକୁ ଦିନ ମଟର ଯାନ
ସଂଖ୍ୟା ଯାଉଛି ବଢ଼ି
ପରିବେଶକୁ ଦୂଷିତ କରେ
ବିଷାକ୍ତ ଧୂଆଁ ଛାଡ଼ି।
ଓହୋ କି ଖରା ତାତିଲା ଧରା
କହିଲେ ହେବ ନାହିଁ
ଗଛ ଲଗାଅ ଯତନ ନିଅ
ନିଶ୍ଚେ ମିଳିବ ତ୍ରାହି।

**– ଡ.ଶରତ କୁମାର ଚଉଁରୀ**
ଟିଚର୍ସ କଲୋନି,ପିପିଲି, ପୁରୀ
ମୋ:୯୪୩୭୫୫୧୨୦୩

### ମୋବାଇଲ ମାୟାରେ ପଡ଼ନା

ପୁଷି ମାଉସୀର ଝିଅ କୁନି ବିଲେଇ
ଆଖିକୁ ତାହାର ଆଉ ଦିଶଇ ନାହିଁ।
ବେଳେ ବେଳେ ମୁଣ୍ଡ ତା'ର ହୁଏ ବୁଲେଇ
ମାଉସୀର ଚିନ୍ତା ଆଉ କହି ନୁହଇ।
ହନୁ ବଇଦ ପାଖକୁ ଗଲା ସେ ଧାଇଁ
କହିଲା ବଇଦେ ଦେଖ କି ରୋଗ ଏଇ।
ହନୁ ଦେଖିଲା ଝିଅକୁ ନିରିଖେଇ
ମୋବାଇଲ୍ ମାୟାରେ ଝିଅ ହୋଇଛି ବାଇ।
ତେଣୁକରି ଆଖିକୁ ତା' ଦିଶଇ ନାହିଁ
ମୁଣ୍ଡ ଗୋଳମାଳ ହେବ ସେଇଥିପାଇଁ।
ଯେଉଁ ଦିନ ମୋବାଇଲ ଦେବ ଦୂରେଇ
ଛାଡ଼ି ଯିବ ରୋଗ ସବୁ ସନ୍ଦେହ ନାହିଁ।
ଅଉଷଧ ଦେଉ ଅଛି ଘରକୁ ଯାଇ
ଚଷମା ବି ଦେଉଅଛି ଦେବୁ ପିନ୍ଧାଇ।
ଆଉ ଆଖି ରୋଗ ତାର ଭଲ ହେବନି
ଚଷମା ବିନା ଆଖିକୁ ତା' ଦିଶିବନି।

**– ବିଜୟ କୁମାର ସରାଫ**
ଶୁଖା, ସୁବର୍ଣ୍ଣପୁର
ମୋ: ୮୩୨୭୭୧୦୪୧୯

## ଏଥରର

- କେଉଁ ମସିହାରେ ପ୍ରଥମେ ଆଇ ଫୋନ୍ ବାହାରିଥିଲା ?
- ୨୦୦୨ ମସିହାରେ ରିଲିଜ୍ ହୋଇଥିବା ସିନେମା '୮ ମାଇଲ୍'ରେ ଜଣେ ରାପରଙ୍କ ଜୀବନୀ ପ୍ରଦର୍ଶିତ ହୋଇଥିଲା। ସେହି ରାପରଙ୍କ ନାମ ?
- ୨୦୨୩ରେ ବିଶ୍ୱର ହାଇଏଷ୍ଟ ପେଡ୍ ଆଥ୍ଲେଟ କିଏ ଥିଲେ ?
- କେଉଁ ପ୍ରକାର ଖେଳ ପାଇଁ ନିଜ ଦକ୍ଷତାକୁ ନେଇ ବେଶ୍ ପରିଚିତ ଥିଲେ ସିମୋନ୍ ବାଇଲ୍ସ ?
- ଜାପାନର ଜାତୀୟ ଖେଳର ନାମ ?

## ଗତଥରର ଉ ତ୍ତ ର

- ଟ୍ରିଟି ଅଫ୍ ଭର୍ସାଇଲ୍ସ ( ଭର୍ସାଇଲ୍ ଚୁକ୍ତି)
- କ୍ରିପର
- ରା
- ଆପଲ୍ (ସେଓ)
- ଦକ୍ଷିଣ ଆଫ୍ରିକା

## କହିଲ ଦେଖି

ଚୈତ୍ର ଶୁକ୍ଳପକ୍ଷ ତିଥି ନବମୀ
ଜନମ ହୋଇଲେ ଜଗତ ସ୍ୱାମୀ
ରାଜା ଦଶରଥ ପିତା ଯାହାର
ରାଣୀ କଉଶଲ୍ୟା ମାତା ତାଙ୍କର
ଗୁରୁଙ୍କ ନିର୍ଦ୍ଦେଶେ ତାଡକୀ ମାରି
ପହଞ୍ଚିଲେ ଯାଇ ଜନକପୁରୀ
ଶିବଧନୁ ଭାଙ୍ଗି ବିଜୟୀ ହେଲେ
ଜନକସୁତାକୁ ବିବାହ କଲେ
ପିତୃସତ୍ୟ ପାଳି ବନକୁ ଗଲେ
ନାଆଁଟି ତାଙ୍କର କହିବ ପିଲେ।



ଉତ୍ତର: **ଶ୍ରୀରାମ**

ପ୍ରଭୁ ଲିଙ୍ଗରାଜ ହୋଇ ସଜବାଜ
ରଥରେ ଯାତରା କରିଲେ
ପବିତ୍ର ଅଶୋକାଷ୍ଟମୀ ପରବରେ
ଭକତ ଜନଙ୍କୁ ତାରିଲେ
ଅଣଲେଉଟା ସେ ରଥଟି
କହିଦିଅ ତାର ନାଆଁଟି।



ଉତ୍ତର: **ରୁକୁଣାରଥ**


ସାରଙ୍ଗଧନୁ ନୁହେଁ ସେ ପୁଣି
ପିନାକଧନୁ ନୁହେଁ
ଗାଣ୍ଡିବ ଧନୁ ନୁହେଁ ସେ ପରା
ଇନ୍ଦ୍ରଧନୁ ନୁହେଁ
ରାମ ଧରୁଥିଲେ ଧନୁଟିଏ
ନାଆଁଟି ତାହାର କୁହ କିଏ ?



ଉତ୍ତର: **କୋଦଣ୍ଡ**

**– ଜଗଦୀଶ ସାହୁ**
ସଞ୍ଜୀପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

# ଏମିତି ସମୁଦ୍ର, ଯେଉଁଠି ଆପଣ କେବେବି ବୁଡ଼ିବେନି



ସମୁଦ୍ରକୁ ସମସ୍ତେ ଦେଖିଛନ୍ତି। ତା' ବିଷୟରେ ଅଳ୍ପ ବହୁତ ମଧ୍ୟ ଜାଣିଛନ୍ତି। ଏଠାରେ ଏପରି ଏକ ସମୁଦ୍ର ବିଷୟରେ ସୂଚନା ଦିଆଯାଇଛି, ଯେଉଁଠାରେ କୌଣସି ଏକ ଜୀବ ବଞ୍ଚିବା ଅସମ୍ଭବ। ଏହି ସମୁଦ୍ରଟି ଇସ୍ରାଏଲ୍ ଏବଂ ଜୋର୍ଡାନ୍ ସୀମା ମଧ୍ୟରେ ଅବସ୍ଥିତ। ଏହି ସମୁଦ୍ରଟିର ନାମ ଡେଡ୍ ସି' ବା ମୃତ ସମୁଦ୍ର। ଉକ୍ତ ସମୁଦ୍ରରେ କେବଳ ବ୍ୟାକ୍ଟେରିଆ ରୁହନ୍ତି। କିନ୍ତୁ ଏସବୁ ସତ୍ତ୍ୱେ ସମୁଦ୍ରଟି ଅନ୍ୟ ସମୁଦ୍ରଠୁ ସମ୍ପୂର୍ଣ୍ଣ ଭିନ୍ନ। ପ୍ରତିବର୍ଷ ଏହି ସମୁଦ୍ରକୁ ଦେଖିବାକୁ ଲକ୍ଷାଧିକ ପର୍ଯ୍ୟଟକଙ୍କର ସମାଗମ ଏଠାରେ ହୋଇଥାଏ। ଏହି ସମୁଦ୍ରର ପାଣି ପ୍ରବଳ କ୍ଷାରଯୁକ୍ତ। ଏହାକୁ ପିଇବା କଥା ତ ଦୂରେଥାଉ, ଗଛରେ ଦେବାକୁ ମଧ୍ୟ ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଉକ୍ତ ସମୁଦ୍ରରେ ଯଦି ଶୋଇବି ପଡ଼ିବେ ଏଥିରେ କେବେହେଲେ ବି ବୁଡ଼ିବେ ନାହିଁ। ଉକ୍ତ ସମୁଦ୍ରର ଗୋଟିଏ ପଟରେ ଇସ୍ରାଏଲ ଏବଂ ଅନ୍ୟପଟେ ଜୋର୍ଡାନ। ତା'ସହ ସମୁଦ୍ର ଚାରିପଟରେ ପାହାଡ଼ ପରିବେଶକୁ ଆହୁରି ଆକର୍ଷଣୀୟ କରିଥାଏ।

ଗଣିତ ଗଳ୍ପ

# କ୍ଷୀରବାଲାର ଗଣିତ

ଗୋପାଳ ଏକ କ୍ଷୀରବାଲା। ସେ ଘରେ ପାଳିଥିବା ଗାଈର କ୍ଷୀର ବିକି ନିଜର ଦୈନିକ ଗୁଜରାଣ ମେଣ୍ଟାଇଥାଏ। ଦିନେ ସେ ପାଖ ଗାଁରେ କ୍ଷୀର ବିକିବାକୁ ଯାଇଥାଏ। ସେ ଏକ ଅଡ଼ୁଆରେ ପଡ଼ିଲା। ତା' ପାଖରେ ସମୁଦାୟ ୮ ଲିଟର ପରିମାଣର କ୍ଷୀର ଥାଏ। ସେ ସେତକ କ୍ଷୀରକୁ ଦୁଇ ଜଣ ଗରାଖଙ୍କ ମଧ୍ୟରେ ସମାନ ଦୁଇ ଭାଗରେ ବାଣ୍ଟିବାର ଥାଏ, ଯେପରି ପ୍ରତ୍ୟେକ ଗରାଖ ୪ ଲିଟର ଲେଖାଏଁ କ୍ଷୀର ପାଇବେ। ମାତ୍ର ତା' ପାଖରେ କ୍ଷୀର ମାପିବାକୁ ସମୁଦାୟ ତିନୋଟି ମାପର ପାତ୍ର ଯଥା ୮ ଲିଟର, ୫ ଲିଟର ଓ ୩ ଲିଟର ପରିମାଣର ଥାଏ। ତେବେ ଏ ତିନୋଟି ମାପପାତ୍ରକୁ ନେଇ ସେ ୮ ଲିଟର କ୍ଷୀରକୁ ଦୁଇ ଗରାଖଙ୍କ ମଧ୍ୟରେ ୪ ଲିଟର କରି ସମାନ ଦୁଇ ଭାଗରେ ବାଣ୍ଟିବ କିପରି?

ସେ ସମାଧାନର କୌଣସି ଉପାୟ ପାଉନଥିଲା। ତା' ସହିତ ତା' କଲେଜପଢୁଆ ପୁଅ ଗୋବିନ୍ଦ ଆସିଥିଲା। ଗୋବିନ୍ଦ ସ୍ଥାନୀୟ କଲେଜରେ ଯୁକ୍ତଦୁଇ ପାଠ୍ୟକ୍ରମରେ ବିଜ୍ଞାନ ଓ ଗଣିତ ବିଷୟ ରଖି ପଢୁଥାଏ। ସେ ବାପାଙ୍କ ଏଭଳି ଅବସ୍ଥା ଦେଖି କହିଲା– ''ବାପା, ଏଥିରେ ଚିନ୍ତା କରିବାର କୌଣସି କାରଣ ନାହିଁ। ଗଣିତର ବଳ ବେଶୀ। ଗଣିତ ବଳରେ ଏହା ସମ୍ଭବ। ମୁଁ ବିନା ୪ ଲିଟର ମାପପାତ୍ରରେ ୮ ଲିଟର କ୍ଷୀରକୁ ୪ ଲିଟର ଲେଖାଏଁ ସମାନ ଦୁଇ ଭାଗରେ ବାଣ୍ଟି ଦେଇ ପାରିବି।'

ପୁଅର ଏଭଳି ଦମ୍ଭୋକ୍ତିରେ ଗୋପାଳର ବିଶ୍ୱାସ ହେଉ ନ ଥାଏ। ତା' ପାଖରେ ବା ଆଉ ଉପାୟ କ'ଣ ଥିଲା! ସେ ଅଗତ୍ୟା ଗୋବିନ୍ଦକୁ କ୍ଷୀର ବାଣ୍ଟିବା ପାଇଁ କହିଲା। ଗୋବିନ୍ଦ ସେଇଠୁ ତା' ପାଖରେ ଉପଲବ୍ଧ



ଥିବା ବିଭିନ୍ନ ମାପପାତ୍ରର ସାହାଯ୍ୟ ନେଇ କ୍ଷୀର ବାଣ୍ଟିବା ଆରମ୍ଭ କଲା। ଗୋବିନ୍ଦ ପ୍ରଥମେ ସବୁତକ କ୍ଷୀରକୁ ୮ ଲିଟର ପାତ୍ର ମଧ୍ୟରେ ଢାଳିଲା। ଏହି ଅବସ୍ଥାରେ ୮ ଲିଟର, ୫ ଲିଟର ଓ ୩ ଲିଟର ପାତ୍ରତ୍ରୟ ମଧ୍ୟରେ କ୍ଷୀରର ପରିମାଣ ହେଲା ଯଥାକ୍ରମେ ୮, ୦ ଓ ୦ ଲିଟର।

ସେ ଦ୍ୱିତୀୟ ପଦକ୍ଷେପରେ ୮ ଲିଟର ପାତ୍ରରୁ ୩ ଲିଟର ପରିମାଣର କ୍ଷୀର ୩ ଲିଟର ପାତ୍ର ମଧ୍ୟକୁ ସ୍ଥାନାନ୍ତରିତ କଲା। ଏହି ଅବସ୍ଥାରେ ପାତ୍ରତ୍ରୟ ମଧ୍ୟରେ କ୍ଷୀରର ପରିମାଣ ହେଲା ଯଥାକ୍ରମେ : ୫, ୦ ଓ ୩ ଲିଟର।

ସେ ତୃତୀୟ ପଦକ୍ଷେପରେ ୩ ଲିଟର ପାତ୍ରର ସବୁତକ ୩ ଲିଟର କ୍ଷୀର ୫ ଲିଟର ପାତ୍ର ମଧ୍ୟକୁ ସ୍ଥାନାନ୍ତରିତ କଲା। ଏହି ଅବସ୍ଥାରେ ପାତ୍ରତ୍ରୟ ମଧ୍ୟରେ କ୍ଷୀରର ପରିମାଣ ହେଲା ଯଥାକ୍ରମେ : ୫, ୩ ଓ ୦ ଲିଟର।

ସେ ଚତୁର୍ଥ ପଦକ୍ଷେପରେ ୮ ଲିଟର ପାତ୍ରରୁ ୩ ଲିଟର ପରିମାଣର କ୍ଷୀର ୩ ଲିଟର ପାତ୍ର ମଧ୍ୟକୁ ସ୍ଥାନାନ୍ତରିତ କଲା। ଏହି ଅବସ୍ଥାରେ ପାତ୍ରତ୍ରୟ ମଧ୍ୟରେ କ୍ଷୀରର ପରିମାଣ ହେଲା ଯଥାକ୍ରମେ : ୨, ୩ ଓ ୩ ଲିଟର।

ସେ ପଞ୍ଚମ ପଦକ୍ଷେପରେ ୩ ଲିଟର ପାତ୍ର ମଧ୍ୟରୁ ୨ ଲିଟର ପରିମାଣର କ୍ଷୀର ୫ ଲିଟର ପାତ୍ର ମଧ୍ୟକୁ ସ୍ଥାନାନ୍ତରିତ କଲା। ଏହି ଅବସ୍ଥାରେ ପାତ୍ରତ୍ରୟ ମଧ୍ୟରେ କ୍ଷୀରର ପରିମାଣ ହେଲା ଯଥାକ୍ରମେ : ୨, ୫ ଓ ୧ ଲିଟର।

ସେ ଷଷ୍ଠ ପଦକ୍ଷେପରେ ୫ ଲିଟର ପାତ୍ର ମଧ୍ୟରୁ ସବୁତକ କ୍ଷୀର ୮ ଲିଟର ପାତ୍ର ମଧ୍ୟକୁ ସ୍ଥାନାନ୍ତରିତ କଲା। ଏହି ଅବସ୍ଥାରେ ପାତ୍ରତ୍ରୟ ମଧ୍ୟରେ କ୍ଷୀରର ପରିମାଣ ହେଲା ଯଥାକ୍ରମେ: ୭, ୦ ଓ ୧ ଲିଟର।

ସେ ସପ୍ତମ ପଦକ୍ଷେପରେ ୩ ଲିଟର ପାତ୍ରରୁ ୧ ଲିଟର ପରିମାଣର



କ୍ଷୀର ୫ ଲିଟର ପାତ୍ର ମଧ୍ୟକୁ ସ୍ଥାନାନ୍ତରିତ କଲା। ଏହି ଅବସ୍ଥାରେ ପାତ୍ରତ୍ରୟ ମଧ୍ୟରେ କ୍ଷୀରର ପରିମାଣ ହେଲା ଯଥାକ୍ରମେ: ୭, ୧ ଓ ୦ ଲିଟର।

ସେ ଅଷ୍ଟମ ପଦକ୍ଷେପରେ ୮ ଲିଟର ପାତ୍ର ମଧ୍ୟରୁ ୩ ଲିଟର ପରିମାଣର କ୍ଷୀର ୩ ଲିଟର ପାତ୍ର ମଧ୍ୟକୁ ସ୍ଥାନାନ୍ତରିତ କଲା। ଏହି ଅବସ୍ଥାରେ ପାତ୍ରତ୍ରୟ ମଧ୍ୟରେ କ୍ଷୀରର ପରିମାଣ ହେଲା ଯଥାକ୍ରମେ : ୪, ୧ ଓ ୩ ଲିଟର।

ସେ ନବମ ଓ ଶେଷ ପଦକ୍ଷେପରେ ୩ ଲିଟର ପାତ୍ର ମଧ୍ୟରୁ ସମସ୍ତ ୩ ଲିଟର କ୍ଷୀର ୫ ଲିଟର ପାତ୍ର ମଧ୍ୟକୁ ସ୍ଥାନାନ୍ତରିତ କଲା। ଏହି ଅବସ୍ଥାରେ ପାତ୍ରତ୍ରୟ ମଧ୍ୟରେ କ୍ଷୀରର ପରିମାଣ ହେଲା ଯଥାକ୍ରମେ : ୪, ୪ ଓ ୦ ଲିଟର।

ଏହିପରି ଭାବରେ ଗୋବିନ୍ଦ ସମୁଦାୟ ୯ଟି ପଦକ୍ଷେପରେ ୮ ଲିଟର କ୍ଷୀରକୁ ବିନା ୪ ଲିଟର ମାପପାତ୍ରରେ ସମାନ ଦୁଇଭାଗରେ ବାଣ୍ଟି ଦେଇପାରିଲା।

ଗୋପାଳ ନିଜ ପୁଅର ଏଭଳି ବିଚକ୍ଷଣ ବୁଦ୍ଧି ଦେଖି ଖୁସି ହୋଇଗଲା। ସେ କହିଲା– 'ସାବାସ୍ ବେଟା, ତୋର ବୁଦ୍ଧିକୁ ମୁଁ ପ୍ରଶଂସା ନ କରି ରହିପାରୁ ନାହିଁ। ତୁ ଠିକ୍ ଗଣିତ ପଢ଼ିଛୁ। ଏହି ଗଣିତ ପ୍ରୟୋଗ ଦ୍ୱାରା ତୁ ଅସମ୍ଭବ କାମକୁ ସମ୍ଭବ କରିଦେଖାଇଲୁ।'

ସେ ଏବେ ୮ ଲିଟର କ୍ଷୀରକୁ ବିନା ୪ଲିଟର ମାପପାତ୍ରରେ ସମାନ ୨ ଭାଗରେ ବାଣ୍ଟିବା ପଛରେ ଥିବା ଗଣିତ ବୁଝିପାରିଥିଲା। ପୁଅ ଗୋବିନ୍ଦ ମଧ୍ୟ ନିଜର ଗଣିତ ଜ୍ଞାନ ବଳରେ ସଫଳତାର ସହିତ ଆବଶ୍ୟକତାମତେ କ୍ଷୀର ବାଣ୍ଟି ଦେଇ ବାପାଙ୍କୁ ସାହାଯ୍ୟ କରିଥିବାରୁ ଭାରି ଖୁସି ଥାଏ। ସୁତରାଂ କ୍ଷୀର ବିକି ଫେରିଲା ବେଳକୁ ବାପ ପୁଅଙ୍କ ମନ ଭାରି ଖୁସିଥାଏ ସେଦିନ।

**– ନିକୁଞ୍ଜ ବିହାରୀ ସାହୁ**
ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

# ଆଦୌ ପାଣି ପିଉ ନ ଥିବା ପ୍ରାଣୀ



ବିଶ୍ୱରେ ଅନେକ ପ୍ରକାର ଜୀବଜନ୍ତୁ ଦେଖିବାକୁ ମିଳିଥା'ନ୍ତି। ସବୁ ପ୍ରାଣୀଙ୍କର କିଛି ନା କିଛି ଖାସ୍ ଗୁଣ ରହିଛି, ଯେଉଁଥିପାଇଁ ସେମାନଙ୍କୁ ନେଇ ଆଲୋଚନା ହୁଏ। ଓଟ ଏଭଳି ଏକ ପ୍ରାଣୀ, ଯିଏକି ୧୦–୧୫ ଦିନ ପାଣି ନ ପିଇ ବଞ୍ଚି ରୁହେ। ହେଲେ ଏଭଳି ଏକ ପ୍ରାଣୀ ଅଛି, ଯିଏ ଜୀବନକାଳ ମଧ୍ୟରେ ଆଦୌ ପାଣି ନ ପିଇ ବଞ୍ଚି ରହିଥାଏ। ଉକ୍ତ ଜୀବଟିର ନାମ ଗେରେନୁକ୍। ବିଶେଷଭାବରେ ପୂର୍ବ ଆଫ୍ରିକାରେ ଦେଖାଯାଉଥିବା ଏହି ପ୍ରାଣୀଟି ଏକ ହରିଣ ପ୍ରଜାତିର। ଏହାର ବେକ ଲମ୍ବା। ଉକ୍ତ ପ୍ରାଣୀର ସାଇଣ୍ଟିଫିକ୍ ନାମ ହେଉଛି 'ଲିଟୋକ୍ରାନିଅସ୍ ୱାଲରୀ'। ଅନ୍ୟପକ୍ଷରେ ସାଧାରଣତଃ ଶୁଷ୍କ ବାୟୁମଣ୍ଡଳୀୟ ଦେଶ ଯଥା–କେନିଆ, ଇଥିଓପିଆ, ସୋମାଲିଆ ଏବଂ ତାଞ୍ଜାନିଆରେ ଏହି ପ୍ରାଣୀ ଦେଖାଯାଇଥାନ୍ତି। ଏମାନଙ୍କର ଉଚ୍ଚତା ୮୦–୧୦୫ ସେଣ୍ଟିମିଟର ହୋଇଥିବା ବେଳେ ଓଜନ ପ୍ରାୟ ୧୮–୫୨କି.ଗ୍ରା। ଏହି ପ୍ରଜାତିର ହରିଣ ବିଭିନ୍ନ ପ୍ରକାର ପତ୍ର, ଫଳ, ଫୁଲ ଆଦି ଖାଇଥାନ୍ତି। ଏଥିଲାଗି ଏମାନଙ୍କୁ ପାଣି ପିଇବାର ଆବଶ୍ୟକତା ପଡ଼େନି, କାରଣ ଏମାନେ ଖାଉଥିବା ଗଛଲତାରେ ଥିବା ଜଳୀୟ ଅଂଶରେ ନିଜର ଶୋଷ ମେଣ୍ଟାଇ ଥାଆନ୍ତି। ଉକ୍ତ ହରିଣ ଶିକାରୀଠାରୁ ରକ୍ଷା ପାଇବା ଲାଗି ବେଶ୍ ଦ୍ରୁତ ଗତିରେ ଦୌଡି ପାରନ୍ତି।

# ଆଇନା



**ମିସ୍କା ଦାସ**
୫ ବର୍ଷ/ଭୁବନେଶ୍ୱର



**ଦେବଶ୍ରୀ ଦେବାଂଶୀ ପତି**
୭ ବର୍ଷ/ଯାଜପୁର